
# ଦୁଃଖୀଧନ ନୀଳମଣିରେ

ବୈଷ୍ଣବ ପାଣି

ଦୁଃଖୀଧନ ନୀଳମଣିରେ
ମାଆ ବୋଲି କିଏ ଡାକିବ ମୋତେ,
ଗୋରୁ ଘେନି ଫେରି ଆସିଲାବେଳକୁ
କାହା ପାଇଁ ଜଗି ବସିବି ପଥେ ?

ଯେବେ ବିକା ଆସିବ କୋଳି
କାନ୍ଦି କିଏ କରିବ ଅଳି,
ଚଳି ହେଉଥିଲେ ଧୂଳି ବୋଳି ହୋଇ
ଦୋଳି କେ ଖେଳିବ କାନି ପଣତେ ?

ଯେବେ ଦହି ମୁହାଁ ହୋଇବ
କିଏ ସେ ଲବଣି ଖାଇବ,
ହୋଇଣ ଆନନ୍ଦ ଗାଇ ଦୁହିଁବାକୁ
ଶିକା ଛନ୍ଦ ଘେନି କେ ଯିବ ହାତେ ?



ଖେଳି ଯାଇଥିଲେ ଦାଣ୍ଡରେ

ଧୂଳି ପଡ଼ିଥାଇ ମୁଣ୍ଡରେ,

କଳି କଲେ କେହି 'ମାଆ ମାଆ' କହି


କଇଁ କଇଁ ହୋଇ କାନ୍ଦିବୁ କେତେ ?

ଯେବେ ଯିବୁ ମଧୁପୁରକୁ

ଅନାଇବି କାହା ମୁଖକୁ ?

କହେ ବଇଷ୍ଣବ ନିଶ୍ଚେ ଜୀବ ଯିବ

ମୁରୁଛିବି ଗଳା ମାଳି କେମନ୍ତେ ?



## କବି ପରିଚୟ

**ବୈଷ୍ଣବ ପାଣି** - ୧୮୮୨ ମସିହା ପବିତ୍ର କୁମାର ପୂର୍ଣ୍ଣିମା ଦିନ କବିଙ୍କର ଜନ୍ମ। ତାଙ୍କଦ୍ୱାରା ରଚିତ ଗୀତିନାଟ୍ୟ 'ମେଘନାଦବଧ', 'ରଙ୍ଗ ସଭା', 'ନଳଦମୟନ୍ତୀ', 'ମହୀରାବଣ ବଧ', 'ପ୍ରହ୍ଲାଦଚରିତ', 'ରାବଣ ବଧ', 'ସୀତା ବନବାସ', 'ଅଭିମନ୍ୟୁ ବଧ', 'ବିଲ୍ୱମଙ୍ଗଳ' ଓ 'କର୍ଣ୍ଣ ବଧ' ଓଡ଼ିଶାର ପୁରପଲ୍ଲୀରେ ବେଶ୍ ଆଦୃତ। ୧୯୫୬ ମସିହା ମଇ ୧୦ ତାରିଖରେ କବି ବୈଷ୍ଣବ ପାଣି ଇହଲୀଳା ସମ୍ବରଣ କରିଥିଲେ। ଗଣକବି ଭାବରେ ସେ ବେଶ୍ ଜଣାଶୁଣା ।

## ଶିକ୍ଷକଙ୍କ ପାଇଁ ସୂଚନା

- ଶିକ୍ଷକ "ଦୁଃଖୀଧନ ନୀଳମଣିରେ" କବିତାଟି ପଢ଼ାଇବା ସମୟରେ ଏହି କବିତାର ପୃଷ୍ଠଭୂମି ସମ୍ପର୍କରେ ପିଲାମାନଙ୍କୁ ଧାରଣା ଦେବେ ।
- କବିତାଟି ପଢ଼ାଇବା ସମୟରେ ଶ୍ରୀକୃଷ୍ଣଙ୍କ ଗୋରୁ ଚରାଇବା, ଦହି ମୁହାଁଇବାକୁ ଯିବା ପାଇଁ ହାତରେ ଛନ୍ଦ, ଘଡ଼ି ପ୍ରଭୃତି ଧରି ବାହାରିବା ଓ ଯଶୋଦା ଶ୍ରୀକୃଷ୍ଣଙ୍କୁ ବାତ୍ସଲ୍ୟ ମମତା ପ୍ରଦର୍ଶନ କରୁଥିବାର ଚିତ୍ର ସଂଗ୍ରହ କରି ଦେଖାଇବେ ।
- ଶିକ୍ଷକ କିଛି ସମଭାବାପନ୍ନ କବିତା ସଂଗ୍ରହ କରି ଉପସ୍ଥାପନ କରିବେ ଏବଂ ନିଜର ଶିକ୍ଷାଦାନକୁ ବଳିଷ୍ଠ କରିବା ପାଇଁ ଯତ୍ନ କରିବେ ।
- ମାଆର ପୁଅପ୍ରତି ବାତ୍ସଲ୍ୟ ମମତାର ଗଭୀରତାକୁ ପିଲାମାନେ ଯେପରି ଉପଲବ୍ଧି କରିପାରିବେ ସେ ଦିଗରେ ଯତ୍ନଶୀଳ ହେବେ ।

## ସୂଚନା

ଦୁଃଖୀଧନ ନୀଳମଣି ହେଉଛନ୍ତି ଶ୍ରୀକୃଷ୍ଣ। ତାଙ୍କ ହାତରେ ନିଜର ମରଣ ହେବା କଥା ଜାଣି, କଂସ ତାଙ୍କୁ ମାରିଦେବା ପାଇଁ ନାନା ଉପାୟ କରିଥିଲା। ଥରେ ଧନୁଯାତ୍ରାର ଯୋଗାଡ଼ କରି ତାଙ୍କୁ ନିଜର ରାଜ୍ୟ ମଧୁପୁରକୁ ଡକାଇଥିଲା। ଶ୍ରୀକୃଷ୍ଣ ମଧୁପୁର ଯିବା ସମୟରେ ତାଙ୍କର ଗୁଣ ସୁମରି ମାଆ ଯଶୋଦା ବାହୁନିଛନ୍ତି ।

ଦୁଃଖୀଧନ- ମାଆ ଯଶୋଦା ନିଜକୁ ଦୁଃଖିନୀ ମନେକରି ଶ୍ରୀକୃଷ୍ଣଙ୍କୁ ତାଙ୍କର ଅମୂଲ୍ୟ ଧନ ଭଳି ମନେ କରିଛନ୍ତି। ସାଧାରଣତଃ ମାଆମାନେ ନିଜ ସନ୍ତାନମାନଙ୍କୁ ଦୁଃଖୀଧନ ବୋଲି ସମ୍ବୋଧନ କରନ୍ତି ।

ନୀଳମଣି - ଶ୍ରୀକୃଷ୍ଣଙ୍କ ରୂପ ନୀଳ ରଙ୍ଗର ଉଜ୍ଜ୍ୱଳ ମଣି ସଦୃଶ ହୋଇଥିବାରୁ ଶ୍ରଦ୍ଧାରେ ନୀଳମଣି କୁହାଯାଇଥାଏ।

ଚଳିବା  -   ଚିଡ଼ିବା ବା ରାଗିବା (ମା'ଙ୍କର ଚିଡ଼ିବା କଥା କୁହାଯାଇଛି)

କାନି ପଣତ-  ନାରୀମାନେ ପିନ୍ଧିଥିବା ଅବସ୍ଥାରେ କାନ୍ଧ ତଳକୁ ରହୁଥିବା ଶାଢ଼ି ଅଗ୍ରଭାଗର ଗୋଟିଏ କୋଣ  ।

ଛନ୍ଦ  -   ଗାଈ ଦୁହିଁବା ସମୟରେ ଗାଈର ନାତରୁ ରକ୍ଷା ପାଇବା ପାଇଁ ତା'ର ପଛଗୋଡ଼ ଦୁଇଟିକୁ ଛନ୍ଦି ବାନ୍ଧିବା ପାଇଁ ବ୍ୟବହାର କରାଯାଉଥିବା ଦଉଡ଼ି ।

ମଧୁପୁର -   ମଥୁରାପୁରର ଅନ୍ୟ ନାମ  ।

ଗଳାମାଳି -  ବେକର ହାର, ମାଆମାନେ ନିଜର ସନ୍ତାନମାନଙ୍କୁ ଶ୍ରଦ୍ଧାରେ ଗଳାର ମାଳି ଭଳି ମନେକରି ସମ୍ବୋଧନ କରିଥାନ୍ତି  ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଲବଣି, ଦହି, ମୁହାଁ, ଶିକା, ମୁରୁଛିବା

## ଅଭ୍ୟାସ

**୧.  ଆସ କଥାବାର୍ତ୍ତା ହେବା ।**

କ)  ଏହି କବିତାରେ ମାଆ କିଏ ?

ଖ)  ସେ କାହାକୁ ଦୁଃଖୀଧନ ବୋଲି ସମ୍ବୋଧନ କରିଛନ୍ତି ?

ଗ)  ସେ ପୁଅର କେଉଁ ସବୁ ସମୟର କଥାକୁ ମନେ ପକାଇଛନ୍ତି ?

ଘ)  କବିତାରେ ମଥୁରାପୁରକୁ କ'ଣ ବୋଲି କୁହାଯାଇଛି ?

ଙ)  ଶ୍ରୀକୃଷ୍ଣ ମଥୁରାପୁରକୁ ଯାଇଥିଲେ କାହିଁକି ?

**୨.  ପଦର ଛାଡ଼ିଯାଇଥିବା ଅଂଶକୁ ପୂରଣ କରିବା ।**

କ)  ଯେବେ ଦହି ମୁହାଁ ହୋଇବ

..........................................................................................

ଖ)  ..........................................................................................

ଶିକା ଛନ୍ଦ ଘେନି କେ ଯିବ ହାତେ ?

ଗ)  ..........................................................................................

ଅନାଇବି କାହା ମୁଖକୁ ?

ଘ)  କହେ ବଇଷ୍ଣବ ନିଶ୍ଚେ ଜୀବ ଯିବ

..........................................................................................

ଙ)  ......................................................  କାନି ପଣତେ ?

୩. ତଳେ ଦୁଇଟି କୋଠରିରେ ଦୁଇ ପ୍ରକାରର ଶବ୍ଦ ଲେଖାଯାଇଛି । ଆସ ମିଳାଇବା । ଦେଖିବା, କିଏ କାହା ସହିତ ମିଶୁଛି ।

| | |
|---|---|
| କଇଁକଇଁ | ଖରା |
| ସାଇଁସାଇଁ | କାନ୍ଦ |
| ଟାଇଁଟାଇଁ | ମୁଣ୍ଡ |
| ଝାଇଁଝାଇଁ | ପବନ |
| ଧଇଁସଇଁ | ଚାଲି |
| | ପାଣି |
| | ଥଣ୍ଡା |

୪. ଶ୍ରୀକୃଷ୍ଣ କୋଳି ଖାଇବାପାଇଁ ମାଆଙ୍କ ପାଖରେ ଅଝଟ କରିବା କଥା କେଉଁ ପଦରେ ଅଛି ଖୋଜି ଗଦ୍ୟରେ ଲେଖିବା ।

ଉ.

୫. କେଉଁପରି ବା କିପରି ଶବ୍ଦ ପାଇଁ ଆମେ ପଦ୍ୟରେ "କେମନ୍ତେ" ଶବ୍ଦ ବ୍ୟବହାର କରୁ । ସେପରି ତଳ ଶବ୍ଦ ପାଇଁ କଣ ବ୍ୟବହାର କରିବା ତାହା କୋଠରିରେ ଲେଖିବା ।

କ) ଏହିପରି - [ ]

ଖ) ସେହିପରି - [ ]

ଗ) ଯେଉଁପରି - [ ]

୬. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବାକ୍ୟରେ ବ୍ୟବହାର କରିବା ।

କ) ମାଳି - ........................................................................................

ମାଳୀ - ........................................................................................

ଖ) ଗାଇ - ........................................................................................

ଗାଈ - ........................................................................................

ଗ)   ଜୀବ – ..............................................................................

ଯିବ– ..............................................................................

୭. **ପିଲାଟି କାନ୍ଦି ଗଡ଼ିଯାଉଛି । ଯେପରି 'କାନ୍ଦିବା'ରୁ କାନ୍ଦି ହୋଇଛି ସେପରି ତଳ ଶବ୍ଦଗୁଡ଼ିକରୁ ଯାହା ହେବ ତାକୁ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଲେଖିବା ।**

କ)   ଡାକିବା ..................................................................

ଖ)   ବସିବା ..................................................................

ଗ)   ଖେଳିବା ..................................................................

ଘ)   ଖାଇବା ..................................................................

ଙ)   ଅନେଇବା ..................................................................

୮. **ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖିବା ।**

କ)   ଶ୍ରୀକୃଷ୍ଣ କାହିଁକି କାନ୍ଦୁଥିଲେ ?

ଉ. ..............................................................................

..............................................................................

ଖ)   ଶ୍ରୀକୃଷ୍ଣଙ୍କର କେଉଁ କେଉଁ କାମକୁ ମାଆ ମନେ ପକାଉଥିଲେ ?

ଉ. ..............................................................................

..............................................................................

ଗ)   ଗାଇ ଦୁହିଁଲା ବେଳେ ମାଆ କ'ଣ ସବୁ ବ୍ୟବହାର କରନ୍ତି ?

ଉ. ..............................................................................

..............................................................................

୯. **ତଳ ଉତ୍ତରଗୁଡ଼ିକୁ ପାଇବା ପାଇଁ ପ୍ରଶ୍ନ ତିଆରି କରି ଲେଖିବା ।**

କ) ଗୋରୁଘେନି ଫେରିବା ବେଳକୁ ମାଆ ବାଟ ଚାହିଁ ବସି ରହୁଥିଲେ ।

ଉ. ..............................................................................

..............................................................................

ଖ) ଶ୍ରୀକୃଷ୍ଣ ଧୂଳି ଧୂସର ହୋଇ ପଣତରେ ଦୋଳି ଖେଳୁଥିଲେ ।

ଉ. ..............................................................................

..............................................................................

ଗ) ଶ୍ରୀକୃଷ୍ଣ କାନ୍ଦି କାନ୍ଦି ମାଆଙ୍କ ପାଖରେ ଅଳି କରୁଥିଲେ ।

ଉ. ..............................................................................

..............................................................................

ଘ) ଦହି ମୁହାଁ ହେଲେ ସେଥିରୁ ଲହୁଣି ବାହାରେ ।

ଉ. ..............................................................................

..............................................................................

## ତୁମପାଇଁ କାମ

୧. ନିଜକୁ କୃଷ୍ଣ ବେଶରେ ସଜାଇବାକୁ ହେଲେ କ'ଣ କ'ଣ ଉପକରଣ ଦରକାର ପଚାରି ବୁଝ ଓ ତାହାର ଏକ ତାଲିକା କର ।

୨. "କଳା ମାଣିକରେ" କବିତାଟିକୁ ସଂଗ୍ରହ କରି ଗାଅ ।